# NATIONAL NEWS BULLETIN (ODIA)

## 29th June - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ.....  ସମ୍ବାଦ ପଢୁଛନ୍ତି.....  **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ।

- ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।

- କୋଲ୍‌କାତା ଗଣଦୁଷ୍କର୍ମ ଘଟଣାରେ ଚତୁର୍ଥ ଅଭିଯୁକ୍ତ ଗିରଫ ।

- ୭୫ ବର୍ଷର ଜାତୀୟ ନମୁନା ସର୍ଭେ ବାର୍ତ୍ତା ସହ ଆଜି ପାଳିତ ହେଉଛି ପରିସଂଖ୍ୟାନ ଦିବସ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡକୁ ୯୭ ରନ୍‌ରେ ପରାସ୍ତ କଲା ଭାରତ ।

# ପି.ଏମ୍. - ଶୁଭାଂଶୁ ଶୁକ୍ଲା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଥିବା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହ କଥା ହୋଇଛନ୍ତି । ଶ୍ରୀ ମୋଦି କହିଛନ୍ତି, ଆପଣ ଭାରତଠାରୁ ବହୁତ ଦୂରରେ ଥିଲେ ମଧ୍ୟ କୋଟି କୋଟି ଭାରତୀୟଙ୍କ ଭାବନାରେ ଅଛନ୍ତି । ଆପଣଙ୍କ ଯାତ୍ରା ଏକ ନୂଆ ଯୁଗର ଶୁଭାରମ୍ଭର ପ୍ରତୀକ । ଶ୍ରୀ ମୋଦି କହିଛନ୍ତି, ଭାରତର ଯୁଗ ଯୁଗର ପରମ୍ପରା ହେଉଛି ପରିଭ୍ରମଣ କରିବା ଏବଂ ଆପଣ ବିଶ୍ୱ ପରିକ୍ରମା କାରିବାର ଦୁର୍ଲଭ ଅବସର ପାଇଛନ୍ତି । ଏହି ମିଶନପାଇଁ ଶୁଭାଂଶୁ ଶୁକ୍ଲାଙ୍କୁ ପ୍ରଧାନମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି ।

***Voice (PM)*** :...........

ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା କହିଛନ୍ତି, ଭାରତର ପ୍ରତିନିଧିତ୍ୱ କରି ସେ ଗର୍ବ ଅନୁଭବ କରୁଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସହ କଥାବାର୍ତ୍ତା ସମୟରେ ସେ କହିଛନ୍ତି, ପିଲାବେଳେ ସେ କେବେ ଭାବି ନ ଥିଲେ ଯେ, ଏଭଳି ସମୟ ଆସିବ ଯେ, ସେ ମହାକାଶଯାତ୍ରୀ ହୋଇପାରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ତା'ର ସ୍ୱପ୍ନ ସାକାର କରିବା ଲାଗି ତାଙ୍କୁ ସୁଯୋଗ ଦେଇଛି ବୋଲି ଶ୍ରୀ ଶୁକ୍ଲା କହିଛନ୍ତି ।

***Voice (Shukla)*** :...........

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ପହଞ୍ଚିଥିବା ପ୍ରଥମ ଭାରତୀୟ ବୋଲି କହିବା ସହ ତାଙ୍କ ପ୍ରସ୍ତୁତି ଓ ମହାକାଶ କେନ୍ଦ୍ରରେ ବାସ୍ତବ ସ୍ଥିତି ସମ୍ପର୍କରେ ପଚାରିଥିଲେ । ଶ୍ରୀ ଶୁକ୍ଲା କହିଥିଲେ, ଶୂନ୍ୟ ଗୁରୁତ୍ୱ ଆକର୍ଷଣ ଏବଂ ଅନ୍ୟ ବିଷୟରେ ପୂର୍ବରୁ ଜାଣିଥିଲେ ମଧ୍ୟ ମହାକାଶ କେନ୍ଦ୍ରରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ସେ କହିଛନ୍ତି, ମହାକାଶରେ ପାଣି ପିଇବା ଏବଂ ଶୋଇବା ଭଳି କାର୍ଯ୍ୟ ଅତ୍ୟନ୍ତ ଜଟିଳ ।

ଶ୍ରୀ ଶୁକ୍ଲା କହିଛନ୍ତି, ପ୍ରଶିକ୍ଷଣ ସମୟରେ ସେ ମହାକାଶ କେନ୍ଦ୍ର ଓ ମହାକାଶରେ ଘଟୁଥିବା ବିଭିନ୍ନ ସ୍ଥିତି ସମ୍ପର୍କରେ ଜାଣିବାରେ ସକ୍ଷମ ହୋଇଛନ୍ତି । ସେ ଯୁବପିଢ଼ିକୁ କହିଛନ୍ତି, ଆକାଶର କୌଣସି ସୀମା ନାହିଁ । ଭାରତ ଦ୍ରୁତଗତିରେ ବିକାଶ କରୁଛି ଏବଂ ଆଗାମୀ ଦିନରେ ଭାରତର ନିଜର ମହାକାଶ କେନ୍ଦ୍ର ସ୍ଥାପନ କରାଯିବ । ସେ କହିଛନ୍ତି, ସେ ଯେତେବେଳେ ମହାକାଶରୁ ପ୍ରଥମଥର ଲାଗି ଭାରତକୁ ଦେଖିଲେ, ଏହା ଅତ୍ୟନ୍ତ ଭବ୍ୟ ଏବଂ ବିରାଟ ଆକାରର ଦେଖାଯାଉଥିଲା । କଥାବାର୍ତ୍ତା ସମୟରେ ଶ୍ରୀ ମୋଦି ମହାକାଶରେ ହେଉଥିବା ଗବେଷଣା କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ କିଭଳି ସହାୟକ ହେବ, ସେନେଇ ପ୍ରଶ୍ନ ପଚାରିଥିଲେ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମାସିକ

ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତର ଏହା ହେବ ୧୨୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଭି.ପି. - ପ୍ରିଏମ୍ବଲ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ କହିଛନ୍ତି, ସମ୍ବିଧାନର ମୁଖବନ୍ଧ ହେଉଛି ଏହାର ଆତ୍ମାସଦୃଶ ଏବଂ ତାହା ପରିବର୍ତ୍ତନ କରିହେବ ନାହିଁ । ସେ କହିଛନ୍ତି, ଭାରତକୁ ବାଦ୍ ଦେଲେ ବିଶ୍ୱର କୌଣସି ସମ୍ବିଧାନର ମୁଖବନ୍ଧ କରାଯାଇ ନାହିଁ । ନୂଆଦିଲ୍ଲୀରେ ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗଦେଇ ଶ୍ରୀ ଧନଖଡ଼ କହିଛନ୍ତି, ସମ୍ବିଧାନର ମୁଖବନ୍ଧକୁ ଆଧାର କରି ଏହାର ବିକାଶ ଘଟିଥାଏ । କିନ୍ତୁ ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ସମ୍ବିଧାନର ମୁଖବନ୍ଧକୁ ପରିବର୍ତ୍ତନ କରାଯାଇଥିଲା । ଶ୍ରୀ ଧନଖଡ଼

କହିଛନ୍ତି, ସୋସିଆଲିଷ୍ଟ, ସେକୁଲାର ଏବଂ ଇଣ୍ଟିଗ୍ରିଟି ଭଳି ଶବ୍ଦ ଯୋଗକରି ସମ୍ବିଧାନ ନିର୍ମାତାମାନଙ୍କ ମନୋଭାବକୁ କ୍ଷୁଣ୍ଣ କରାଯାଇଥିଲା ।

## କୋଲ୍‌କାତା ଗ୍ୟାଙ୍ଗ୍‌ରେପ୍ କେସ୍

ପଶ୍ଚିମବଙ୍ଗର କୋଲ୍‌କାତା ଆଇନ କଲେଜରେ ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ଚତୁର୍ଥ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗତକାଲି ସମ୍ପୃକ୍ତ କଲେଜ୍‌ର ସୁରକ୍ଷା ଗାର୍ଡ଼ଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । କଲେଜର ସୁରକ୍ଷା ଗାର୍ଡ଼ କୋଠରିରେ ଘଟିଥିବା ଦୁଷ୍କର୍ମ ଘଟଣାରେ ଏପର୍ଯ୍ୟନ୍ତ ୪ ଜଣଙ୍କୁ ଗିରଫ କରାଯାଇଛି । ଚଳିତ ମାସ ୨୫ ତାରିଖରେ ସାଉଥ୍ କୋଲ୍‌କାତା ଲ' କଲେଜରେ ଜଣେ ୨୪ ବର୍ଷୀୟା ଛାତ୍ରୀଙ୍କୁ ୨ ଜଣ ବରିଷ୍ଠ ଛାତ୍ର ଏବଂ ଜଣେ ପୁରାତନ ଛାତ୍ର ସୁରକ୍ଷା ଗାର୍ଡ଼ଙ୍କ କୋଠରିରେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ପୁଲିସ ଘଟଣାର ମୁଖ୍ୟ ଅଭିଯୁକ୍ତ ମନୋଜିତ୍ ମିଶ୍ର, ପ୍ରୋମିତ ମୁଖାର୍ଜୀ ଏବଂ ଜାୟଦ୍ ଅହମ୍ମଦଙ୍କୁ ଗିରଫ କରିଥିଲା ।

ଘଟଣାର ତଦନ୍ତ ଲାଗି କୋଲ୍‌କାତା ପୁଲିସ ଦ୍ୱାରା ସହକାରୀ କମିଶନରଙ୍କ ନେତୃତ୍ୱରେ ଏକ ୫ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି । ଏହି ଘଟଣା ନେଇ ବି.ଜେ.ପି. ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

କରାଯାଇଥିବାବେଳେ ଦଳର ପଶ୍ଚିମବଙ୍ଗ ଶାଖା ମୁଖ୍ୟ ସୁକାନ୍ତ ମଜୁମ୍‌ଦାର ଏବଂ ଅନ୍ୟ କେତେଜଣଙ୍କୁ ପୁଲିସ ଅଟକ ରଖିଛି । ବି.ଜେ.ପି. ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାୟୀ କରାଯିବା ସହ କ୍ୟାମ୍ପସ୍‌ରେ ନିରାପତ୍ତା ସୁନିଶ୍ଚିତ କରିବା ଏବଂ ଦୋଷୀଙ୍କ ବିରୋଧରେ ତ୍ୱରିତ ଦଣ୍ଡବିଧାନ ଲାଗି ଦାବି କରିଛି ।

ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଘଟଣାର ତଥ୍ୟ ସଂଗ୍ରହ ନେଇ ଏକ ୪ ଜଣିଆ କମିଟି ଗଠନ କରିଛନ୍ତି । କମିଟି ଘଟଣାସ୍ଥଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଦଳୀୟ ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି, ସାଂସଦ ବିପ୍ଳବ କୁମାର ଦେ, ମନନ କୁମାର ମିଶ୍ର ଏବଂ ସତ୍ୟପାଲ ସିଂହ ଓ ମୀନାକ୍ଷୀ ଲେଖୀଙ୍କୁ ନେଇ କମିଟି ଗଠନ କରାଯାଇଛି ।

***Voice (Sambit Patra)*** :...........

## ତେଲଙ୍ଗାନା - ଅମିତ୍ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ତେଲଙ୍ଗାନାର ନିଜାମାବାଦଠାରେ ଜାତୀୟ ହଳଦୀ ବୋର୍ଡ଼ର ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ଶାହା ବୋର୍ଡ଼ର ଲୋଗୋର ଲୋକାର୍ପଣ କରିବେ । ଏହି ବୋର୍ଡ଼ ପ୍ରତିଷ୍ଠାର ଉଦ୍ଦେଶ୍ୟ ହେଉଛି, ଚାଷୀମାନଙ୍କ ଉତ୍ପାଦକୁ ବିଶ୍ୱସ୍ତରୀୟ କରିବା । ଶ୍ରୀ ଶାହା ସେହି ଅଞ୍ଚଳରେ ଥିବା ଲୋକପ୍ରିୟ ନେତା ଡି. ଶ୍ରୀନିବାସଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ

କରିବେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ନିଜାମାବାଦ୍‌ର ଏକ ବିଶାଳ କୃଷି ର୍‍ୟାଲିକୁ ଉଦ୍‌ବୋଧନ ଦେବେ । ଆଜି ଅପରାହ୍ଣରେ ମନ୍ତ୍ରୀ ଶ୍ରୀ ଶାହା ହାଇଦ୍ରାବାଦଠାରେ ଅନୁଷ୍ଠିତ ହେବାକୁ ଥିବା ଦଳୀୟ ନେତାମାନଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

## ଷ୍ଟାଟିଷ୍ଟିକ୍ସ ଡେ

ପ୍ରତ୍ୟେକଟି ଯୋଜନା ଏବଂ ତଥ୍ୟକୁ ବିଶ୍ଳେଷଣ କରିବା ଦିଗରେ ପରିସଂଖ୍ୟାନର ଗୁରୁତ୍ୱକୁ ଉପଲବ୍ଧି କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ପରିସଂଖ୍ୟାନ ଦିବସ । ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସ୍‌ଙ୍କ ଜନ୍ମଜୟନ୍ତୀଙ୍କୁ ପରିସଂଖ୍ୟାନ ଦିବସ ଭାବେ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "୭୫ ବର୍ଷର ଜାତୀୟ ନମୁନା ସର୍ଭେ" । ଆଜି ନୂଆଦିଲ୍ଲୀରେ ଏହି ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରୀ ରାଓ ଇନ୍ଦରଜିତ୍ ସିଂହ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ଏକ ସ୍ୱତନ୍ତ୍ର ମୁଦ୍ରା ଏବଂ ଷ୍ଟାମ୍ପ୍ ଉନ୍ମୋଚନ ହେବ ।

# ଟ୍ରମ୍ପ୍ ସ୍ଲାମ୍ସ ଖାମେନି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌ର ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲ୍ଲୀ ଖାମେନିଙ୍କ ମନ୍ତବ୍ୟକୁ ନେଇ ସମାଲୋଚନା କରିଛନ୍ତି । ଖାମେନି କହିଥିଲେ, ଇସ୍ରାଏଲ୍ ସହ ସଙ୍ଗଠିତ ୧୨ ଦିନିଆ ସଂଘର୍ଷରେ ଇରାନ୍ ବିଜୟଲାଭ କରିଛି । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଯଦି ତେହେରାନ୍ ଅଣୁଅସ୍ତ୍ର ତିଆରି କରିବା ଲାଗି ଯୋଜନା କରିବ, ଆମେରିକା ପକ୍ଷରୁ ବୋମାମାଡ଼ କରାଯିବ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ୍ ତାଙ୍କ ଯୋଗୁଁ ଖାମେନି ଜୀବିତ ଅଛନ୍ତି ବୋଲି କହିଛନ୍ତି । ଇସ୍ରାଏଲ୍‌କୁ ଅସ୍ତ୍ରବିରତି ଲାଗି ରାଜି କରାଇବା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଥିବା ଶ୍ରୀ ଟ୍ରମ୍ପ୍ କହିଛନ୍ତି ।

ଗତ ସପ୍ତାହରେ ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବାପରେ ଇରାନ୍ ପକ୍ଷରୁ ଆମେରିକାକୁ କଡ଼ା ସମାଲୋଚନା କରାଯାଇଥିଲା । ଆମେରିକା ଇରାନ୍‌ର କ୍ଷେପଣାସ୍ତ୍ର ଘାଟିଗୁଡ଼ିକ ଉପରେ କରିଥିବା ଆକ୍ରମଣ ନିନ୍ଦନୀୟ ବୋଲି ଇରାନ୍ ପକ୍ଷରୁ କୁହାଯାଇଛି ।

# ଇରାନ୍ ଷ୍ଟେଟ୍ ଫନେରାଲ୍

ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ୧୨ ଦିନ ଧରି ଘଟିଥିବା ସଂଘର୍ଷରେ ମୃତ ସାଧାରଣ ଲୋକ ଏବଂ ଅଧିକାରୀଙ୍କ ଲାଗି ରାଷ୍ଟ୍ରୀୟ ସମୂହ ଅନ୍ତ୍ୟେଷ୍ଟିକ୍ରିୟା ଅନୁଷ୍ଠିତ ହୋଇଛି । ୬୦ ଜଣ ସାଧାରଣ ନାଗରିକ, ସାମରିକ ଅଧିକାରୀ ଓ ପରମାଣୁ ବୈଜ୍ଞାନିକଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଛି । କଫିନ୍‌ଗୁଡ଼ିକୁ ଇରାନ୍‌ର ଜାତୀୟ ପତାକାରେ ଆବୃତ୍ତ କରାଯାଇ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତେହେରାନ୍‌ର ଇଙ୍ଗ୍‌ହେଲାବ୍ ସ୍କୋୟାର୍‌ରେ ଅନ୍ତିମ କ୍ରିୟା କରାଯାଇଥିବା ସୂଚନା ମିଳିଛି । ଗତ ସପ୍ତାହରେ ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ପରେ ସଂଘର୍ଷ ବନ୍ଦ ରହିଛି ।

ସମୂହ ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ହଜାର ହଜାର ଇରାନ୍ ନାଗରିକ ଶୋକ ପ୍ରକାଶ କରିବା ସହ ଜାତୀୟବାଦୀ ସ୍ଲୋଗାନ୍ ଦେଇଥିଲେ । ଏହାପୂର୍ବରୁ ଇରାନ୍ ସରକାରଙ୍କ ପକ୍ଷରୁ ଲୋକମାନଙ୍କୁ ଯୋଗଦେବା ଲାଗି ସାମାଜିକ ଗଣମାଧ୍ୟମରେ ଅନୁରୋଧ କରାଯାଇଥିଲା । ଇରାନ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଏହି ସଂଘର୍ଷରେ ୬୨୭ ଜଣଙ୍କ ମୃତ୍ୟୁ ହୋଇଛି । ଇସ୍ରାଏଲ୍‌ର କ୍ଷେପଣାସ୍ତ୍ର ଆକ୍ରମଣରେ ୨୮ ଜଣ ଲୋକ ପ୍ରାଣ ହରାଇଛନ୍ତି ।

# କ୍ରିକେଟ୍

ଭାରତ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ମହିଳା ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୯୭ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି । ଗତସନ୍ଧ୍ୟାରେ ନଟିଙ୍ଗ୍‌ହାମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୫ ୱିକେଟ୍ ବିନିମୟରେ ୨୧୦ ରନ୍ ସଂଗ୍ରହ କରିଥିଲା । ସ୍ମୃତି ମନ୍ଧାନା ୬୨ଟି ବଲ୍‌ରୁ ୧୧୨ ରନ୍ କରି ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି । ଏହାର ଜବାବରେ ଇଂଲଣ୍ଡ ଦଳ ୧୪ ଓଭର୍ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୧୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

*****